# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ସୁନ୍ଦର ଜ୍ଞାନହୀନ ରାଜା


ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଅନୁବାଦକ: Prasanta Bhuyan
ଉପ୍ଯୋଜକ: Lyn Doerksen


କାହାଣି ୭୦ ରୁ ୯୮


www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପ୍ର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଶାମୁୟେଲ୍, ଇସ୍ରାୟେଲର ବିଚ଼ରକର୍ତ୍ତା ଓ ନେତା ବୃଦ୍ଧ ହୁଅନ୍ତେ, ସେ ତାଙ୍କର ପୁତ୍ରମାନଙ୍କୁ ଇସ୍ରାୟେଲ ଉପରେ ବିଚ଼ାରକର୍ତ୍ତା କଲେ । କିନ୍ତୁ ଶାମୁୟେଲଙ୍କର ପୁତ୍ରମାନେ ଦୁଷ୍ଟଥିଲେ । ସେମାନେ ଅନ୍ୟାୟଲାଭର ଅନୁଗାମୀ ହେଲେ । ସେମାନେ ଧନ ସଞ୍ଚୟ କରିବାକୁ ମନ୍ଦକାର୍ଯ୍ୟ କଲେ ଓ ନିଜର କ୍ଷମତାରେ ଲାଞ୍ଚ ନେଇ ବିଚ଼ାର ବିପରିତ କଲେ ।



1

ପୁତ୍ରମାନଙ୍କ ଦୁଷ୍ଟ ବ୍ୟବହାର ଯୋଗୁଁ ଇସ୍ରାୟେଲୀୟ ଲୋକମାନଙ୍କୁ ଅନେକ ପ୍ରକାର ଅସୁବଧାର ସାମନା କରିବାକୁ ପଡ଼ିଲା । ବିଚ଼ାରାଳୟ ଗୁଡ଼ିକ ଅନୁଚ଼ିତ ଥିଲେ । ସେମାନଙ୍କର ଆବଶ୍ୟକତା ଅନୁସାରେ ଲୋକମାନଙ୍କୁ ସେମାନଙ୍କୁ ସାହାଯ୍ୟ କରିବାକୁ ପଡୁଥିଲା ।



2

ନିଶ୍ଚିତ ଭାବରେ କିଛି କରିବାକୁ ପଡ଼ିବ । ତହିଁରେ, ଇସ୍ରାୟେଲର ସମସ୍ତ ପ୍ରାଚିନବର୍ଗ ଏକତ୍ରୀତ ହୋଇ ଶାମୁୟେଲଙ୍କୁ ନିକଟକୁ ଆସି ସାହାଯ୍ୟ ପ୍ରାର୍ଥନା କଲେ ।



3

ଆମ୍ଭମାନଙ୍କର ବିଚାର କରିବାକୁ ଆମ୍ଭମାନଙ୍କୁ ଏକ ରାଜା ଦିଅ, ସେମାନେ କହିଲେ । ସେମାନେ ଶାମୟେଲଙ୍କ ଦୁଷ୍ଟ ପୁତ୍ରମାନଙ୍କ ଦ୍ୱାରା ବିଚାରିତ ହେବାକୁ ଚାହୁଁନଥିଲେ । ଏହେତୁ ପାର୍ଶ୍ୱରେ ଥିବା ଅନ୍ୟଦେଶିୟ ମାନଙ୍କ ପରି  ସେମାନେ ମଧ୍ୟ ରାଜା ଚାହିଁଲେ ।



4




5




6




7

ଯେତେବେଳେ ଶାମୁୟେଲ୍ ପ୍ରାର୍ଥନା କଲେ, ସଦାପ୍ରଭୁ କହିଲେ, ସେମାନେ କେବଳ ତୁମ୍ଭକୁ ଅଗ୍ରାହ୍ୟ କରିନାହାନ୍ତି, ମାତ୍ର ସେମାନେ ଆମ୍ଭକୁ ଅଗ୍ରାହ୍ୟ କରିଛନ୍ତି, ଯେପରି ଆମ୍ଭେ ସେମାନଙ୍କ ଉପରେ ରାଜା ନୋହିବା ।



8


ସେମାନେ ଅନ୍ୟ ଦେବଗଣର ସେବା କରିଛନ୍ତି । ସେମାନଙ୍କ ରବରେ କର୍ଣ୍ଣପାତ କର ଓ
ସେମାନଙ୍କ ପାଇଁ ଏକ ରାଜା କର ।
9


ସଦାପ୍ରଭୁ ଶାମୁୟେଲଙ୍କୁ
କହିଲେ, ଲୋକମାନଙ୍କୁ
ସେମାନଙ୍କ ଉପରେ ରାଜତ୍ୱ
କରିବାକୁ ଯାଉଥିବା ସେହି
ରାଜର ବିଧି ସେମାନଙ୍କୁ
ଜଣାଇବାକୁ କହିଲେ ।
ସେହି ରାଜା ତୁମ୍ଭମାନଙ୍କଠାରୁ
କର ଆଦାୟ କରିବ,
ତୁମ୍ଭମାନଙ୍କର ଉତ୍ତମ ଜମି
ତାଙ୍କର ହେବ ।
10


ତୁମ୍ଭମାନଙ୍କର ପୁତ୍ରମାନଙ୍କୁ
ନେଇ ଆପଣା ରଥ ନିମନ୍ତେ
ଓ ଆପଣା ଅଶ୍ୱାରୋହି
ହେବା ନିମନ୍ତେ ନିଯୁକ୍ତ
କରିବ । ତୁମ୍ଭମାନଙ୍କର
କନ୍ୟାଗଣଙ୍କୁ ନେଇ ଗନ୍ଧଦ୍ରବ୍ୟ
ପ୍ରସ୍ତୁତକାରିଣୀ ଓ ପାଚିକା ଓ
ସୁପକାରୀଣୀ କରିବ ।
11


ରାଜକୀୟ ଦ୍ରାକ୍ଷାକ୍ଷେତ
ଯାହାବି ହେଉ ଲୋକମାନେ
ସେମାନଙ୍କ ନିମନ୍ତେ ଏକ
ରାଜା ଚାହିଁଲେ ।
ବାହାରେ ରଖିବା
12


ପରମେଶ୍ୱର ଶାମୁୟେଲଙ୍କୁ ଏକ ସୁନ୍ଦର ଯୁବକ ନିକଟକୁ ନେଇଗଲେ, ସେ
ଲାଜକୁଳୀ ଓ ଉଚ୍ଚା ଥିଲେ । ସେ ସମସ୍ତ ଲୋକଙ୍କ ଅପେକ୍ଷା ସ୍କନ୍ଧରୁ ଉର୍ଦ୍ଧ୍ୱକୁ
ଉଚ୍ଚ ଥିଲେ । ତାଙ୍କର ନାମ ଶାଉଲ ଥିଲା ।
ଯେତେବେଳେ ଶାମୟେଲ୍ ଶାଉଲଙ୍କୁ
ଦେଖିଲେ, ପରମେଶ୍ୱର କହିଲେ, ଏହି
ସେ ଯୁବା ଯେ କି ଆମ୍ଭଲୋକମାନଙ୍କ
ଉପରେ ରାଜତ୍ୱ କରିବ ।
13


ବାଧ୍ୟତାପୂର୍ବକ, ଶାମୁୟେଲ୍ ଇସ୍ରାୟେଲ୍
ଉପରେ ରାଜା ଭାବରେ ଶାଉଲଙ୍କୁ
ଅଭିଷେକ କଲେ । ଯେତେବେଳେ ସେ
ଇସ୍ରାୟେଲୀୟ ଲୋକମାନଙ୍କ ନିକଟକୁ
ଶାଉଲଙ୍କୁ ଆଣିଲେ, ତହିଁରେ ସମସ୍ତ
ଲୋକ ଜୟଧ୍ୱନି କରି କହିଲେ, ରାଜା
ଚିରଜୀବୀ ହେଉନ୍ତୁ ।
14

ଶିଘ୍ର ଶାଉଲଙ୍କର ପରିକ୍ଷା ଆରମ୍ଭ ହେଲା । ଅମୋନୀୟମାନେ, ଯେଉଁମାନେ କି ଇସ୍ରାୟେଲ୍ ସନ୍ତାନଗଣଙ୍କୁ ଘୃଣା କରୁଥିଲେ, ଇସ୍ରାୟେଲର ଏକ ନଗରକୁ ଚ଼ାରିପଟେ ଘେରାଓ କରି ସମସ୍ତ ଇସ୍ରାୟେଲ୍ ସନ୍ତାନଗଣର ଦକ୍ଷିଣ ଚ଼କ୍ଷୁ ଉପାଡ଼ିଦେବାକୁ ଧମକ ଦେଲେ ।



15

କି କୃର ଯୋଜନା । ସେହି ଧମକ ସମ୍ବାଦ ଶାଉଲଙ୍କ ନିକଟରେ ପହଞ୍ଚିଲା । ସେ ତାଙ୍କର ସୌନ୍ୟ ପ୍ରସ୍ତୁତ କଲେ ।



16



ଯେତେବେଳେ ଦୁଇଦେଶର ସୌନ୍ୟଦଳ ଲଢ଼େଇକଲେ । ଶାଉଲ ଅମୋନୀୟମାନଙ୍କ ସୌନ୍ୟଦଳକୁ ନଷ୍ଟକରି ନଗରକୁ ଉଦ୍ଧାର କଲେ । ସେତେବେଳେ ରାଜା ଶାଉଲ ସଦାପ୍ରଭୁଙ୍କୁ ମହିମା କଲେ, ଓ କହିଲେ, ଆଜି ସଦାପ୍ରଭୁ ଇସ୍ରାୟେଲ ମଧ୍ୟରେ ଉଦ୍ଧାର ସାଧନ କରିଛନ୍ତି ।

17

ସେହିଦିନ ସଦାପ୍ରଭୁ ଶାଉଲଙ୍କର ମହା ବିଜୟ ସାଧନ କଲେ । ମାତ୍ର ଶାଉଲ ସର୍ବଦା ସଦାପ୍ରଭୁଙ୍କୁ ସନ୍ମାନ କେଲେ ନାହିଁ । ଦିନେ, ପଲେଷ୍ଟିୟମାନଙ୍କ ସହିତ ଲଢ଼େଇ ସମୟରେ ଶାଉଲ ନିଜେ ହୋମବଳି ଉତ୍ସର୍ଗ କଲେ ।



18

ସେ ଜାଣିଥିଲେ ଯେ ତାହା ଶାମୁୟେଲଙ୍କ କାର୍ଯ୍ୟ ଅଟେ । ସେ ଏହା ମଧ୍ୟ ଜାଣିଥିଲେ ଯେ ସଦାପ୍ରଭୁ ଚ଼ାହାଁନ୍ତି ସେ ଶାମୁଏଲଙ୍କ ଆସିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ଆବଶ୍ୟକ । ମାତ୍ର ଶାଉଲ ସଦାପ୍ରଭୁଙ୍କର ଅବାଧ୍ୟ ହେଲେ ।



19

ଯେତେବେଳେ ଶାମୁଏଲ୍ ପହଞ୍ଚିଲେ, ସେ ଶାଉଲଙ୍କୁ କହିଲେ, ତୁମ୍ଭେ ମୂର୍ଖତାର କାର୍ଯ୍ୟ କରିଅଛ । ତୁମ୍ଭେ ଆପଣା ପରମେଶ୍ୱରଙ୍କ ଆଜ୍ଞା ପାଳନ କଲନାହିଁ । ଅଦ୍ୟାବଧି ତୁମ୍ଭର ରାଜ୍ୟ ଆଉ ସ୍ଥିରହେବନାହିଁ ।



20













ସୁନ୍ଦର ଜ୍ଞାନହୀନ ରାଜା

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

୧ ଶାମୁୟେଲ୍ ୮-୧୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।